ISSN -2583-147X (P),Vol.- 9, Issue No.III, June 2023
**Bastabatara Pariprakash Prachee**
***Peer Reviewed and Referred Research Journal***

# ନାଟ୍ୟକାର ମନ୍ମଥ ଶତପଥୀଙ୍କ ନାଟକରେ ନୂତନ ପରୀକ୍ଷା ଓ ପ୍ରୟୋଗ

**ଚିନ୍ମୟ ସାମଲ**

ସାହିତ୍ୟ ସମାଜର ପ୍ରତିବିମ୍ବ ସଦୃଶ ନାଟକ ମାଧ୍ୟମରେ ନାଟ୍ୟକାର ସାମସମୟିକ ସମାଜର ଦୋଷତ୍ରୁଟିକୁ ସୁଧାରିବା ସହିତ ସମାଜକୁ ଏକ ସୁବାର୍ତ୍ତା ପ୍ରଦାନ କରିଥାଏ । ନାଟକ କେବଳ ପଠନୀୟ ନୁହେଁ, ଏହା ଦର୍ଶନୀୟ ମଧ୍ୟ । ପଠନ ଏବଂ ଦର୍ଶନର ସୁସମନ୍ୱୟରେ ନାଟକ ଗଠିତ । ତେଣୁ ନାଟକକୁ ମିଶ୍ରକଳା ମଧ୍ୟ କୁହାଯାଇଥାଏ । ନାଟକ ଦୃଶ୍ୟକାବ୍ୟ ହୋଇଥିବାରୁ ଏହା କେବଳ ପାଠ୍ୟ ଅବସ୍ଥାରେ ରହିଗଲେ ସମାଦୃତି ଘଟେ ନାହିଁ, ତେଣୁ ଏହାର ମଞ୍ଚାଭିନୟ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ତେଣୁ ନାଟକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ ମନେହୁଏ । ଭାରତୀୟ ନାଟ୍ୟ ସାହିତ୍ୟର ପ୍ରାରମ୍ଭିକ ସମୟରୁ ପୌରାଣିକ ନାଟକ ରଚିତ ହୋଇ ପରବର୍ତ୍ତୀ ସମୟରେ ସାମାଜିକ ବିଷୟବସ୍ତୁ ଆଦରି ଥିଲେ ହେଁ ଓଡ଼ିଆ ନାଟକ ତା'ର ପ୍ରାରମ୍ଭିକ କାଳରୁ ସମାଜ ସଂସ୍କାରକୁ ଗ୍ରହଣ କରିଛି । ଜଗନ୍ମୋହନ ଲାଲଙ୍କ 'ବାବାଜୀ' ନାଟକକୁ ସମାଜ ସଂସ୍କାର ମୂଳକ ନାଟକ ଭାବରେ ଗ୍ରହଣ କରାଯାଏ । ପରବର୍ତ୍ତୀ ସମୟରେ ବିଭିନ୍ନ ଐତିହାସିକ, ପୌରାଣିକ ବିଷୟବସ୍ତୁକୁ ଗ୍ରହଣ କରାଯାଇଥିଲେ ହେଁ ସମାଜିକ ବିଷୟବସ୍ତୁରେ ଜଗନ୍ମୋହନଙ୍କ ସମାଜ ସଂସ୍କାରମୂଳକ ଆଦର୍ଶକୁ ଗ୍ରହଣ କରାଯାଇଥିବାର ଦେଖାଯାଏ । ରାମଶଙ୍କର ରାୟ, ଭିକାରୀଚରଣ ପଟ୍ଟନାୟକ, ଖଡ଼ିଆଳ ରାଜା ବୀର ବିକ୍ରମ ଦେବ, ପାରଳାଅଧିଶ୍ୱର ପଦ୍ମନାଭ ନାରାୟଣ ଦେବ ଏବଂ ଚିକିଟୀ ରାଜା ରାଧାମୋହନ ରାଜେନ୍ଦ୍ରଦେବ ପ୍ରଭୃତି ରାଜନ୍ୟବର୍ଗ ଏବଂ ନାଟ୍ୟକାରମାନେ ବିଶେଷ ପରିମାଣରେ ଜଗନ୍ମୋହନଙ୍କ ନାଟ୍ୟଦର୍ଶରେ ପ୍ରଭାବିତ ହୋଇଥିଲେ । ଜଗନ୍ମୋହନ ତାଙ୍କ ନାଟକରେ ଯେଉଁ ପରମ୍ପରାର ପ୍ରଥମେ ସୂତ୍ରପାତ କରିଥିଲେ, ତାହା ପ୍ରସାରିତ ହୋଇଥିଲା ଜଗନ୍ମୋହନୋର ନାଟ୍ୟକାରମାନଙ୍କ ଦ୍ୱାରା । ଏହି ସବୁ ନାଟ୍ୟକାରମାନେ କଥାବସ୍ତୁରେ ସ୍ୱତନ୍ତ୍ରତା, ମୌଳିକତା ତଥା ନୂତନତା ଏବଂ ଭାବବସ୍ତୁରେ ଅଭିନବତା ଆଣିଥିଲେ ହେଁ ଅଳ୍ପ ବହୁତ ଜଗନ୍ମୋହନଙ୍କ ଆଦର୍ଶରେ ମଧ୍ୟ ଅନୁପ୍ରାଣିତ ଥିଲେ, ଏହା ପ୍ରକାଶ କରିବାରେ ଦ୍ୱିଧା ହେବନାହିଁ । ନାଟକର ମୋଡ ପରିବର୍ତ୍ତନ ହେଲା ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ । ଉଭୟ ଆଙ୍ଗିକ ତଥା ଆତ୍ମିକ ଦିଗରୁ ଓଡ଼ିଆ ନାଟ୍ୟସାହିତ୍ୟର ସମୃଦ୍ଧି ହେବା ସହ ସଂଖ୍ୟା ଦୃଷ୍ଟିରୁ ମଧ୍ୟ ନାଟକର କାନ୍‌ଭାସ୍ ବଢିବାରେ ଲାଗିଲା । ପରବର୍ତ୍ତୀ ସମୟରେ ଏହା ସମ୍ଭବ ହୋଇପାରିଲା ଦୁଇଜଣ ଦିଗନ୍ତ ସମୃଦ୍ଧଶାଳୀ ନାଟ୍ୟକାରଙ୍କ ଦ୍ୱାରା । ଏ ଦୁଇଜଣ ହେଉଛନ୍ତି କବିଚନ୍ଦ୍ର କାଳୀଚରଣ ଏବଂ ଅଶ୍ୱିନୀକୁମାର । ପୂର୍ବରୁ ସାମାଜିକ ନାଟକ ଅପେକ୍ଷା ଐତିହାସିକ ଓ ପୌରାଣିକ ନାଟକ ଯଥେଷ୍ଟ ପରିମାଣରେ ଥିଲା, ତେଣୁ ପୂର୍ବୋକ୍ତ ନାଟ୍ୟକାରମାନେ ପ୍ରଥମରୁ ପୌରାଣିକ ନାଟକ ରଚନା (ଅଶ୍ୱିନୀକୁମାରଙ୍କ 'ଭୀଷ୍ମ' (୧୯୧୫) ଏବଂ କାଳୀଚରଣଙ୍କ 'ଧ୍ରୁବ' (୧୯୧୮)) କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିଷୟବସ୍ତୁରେ ସମାଜକୁ ଗୁରୁତ୍ୱ ଦେଇଥିଲେ । ମୋଟାମୋଟି ଓଡ଼ିଆ ନାଟକର ଉନ୍ମେଷ କାଳରୁ କାଳୀଚରଣଙ୍କ ସମୟ ପର୍ଯ୍ୟନ୍ତ ଦେଖିବାକୁ ଗଲେ ପରମ୍ପରାକୁ ଆଧାର କରି ସାଧାରଣତଃ ନାଟକ ଲେଖାଯାଉଥିଲା । କବିଚନ୍ଦ୍ର ତାଙ୍କ ନାଟ୍ୟକଳାରେ ନୂତନ ବିଷୟ, ଚରିତ୍ର ସଂଯୋଜନା, ଉଭୟ ନାଟକ ଏବଂ ରଙ୍ଗମଚ ପରୀକ୍ଷା ନିରୀକ୍ଷା, ପାତ୍ରମୁଖୀ ସଂଳାପ, ଆଲୋକ ସଂପାତରେ ନୂତନତାକୁ ଆଧାର କରି ନାଟକ ଲେଖୁଥିଲେ ମଧ୍ୟ ତାହା ପରମ୍ପରାର ବହିର୍ଭୁକ୍ତ ନଥିଲା ।

୧୯୫୦ ମସିହାରୁ ମନୋରଞ୍ଜନ ଦାସଙ୍କ ନେତୃତ୍ୱରେ ଓଡ଼ିଆ ନାଟକରେ ପରିବର୍ତ୍ତନର ଯେଉଁ ସୂତ୍ରପାତ ହେଲା, ତାହାର ପ୍ରତ୍ୟକ୍ଷ ପ୍ରଭାବ ପ୍ରାୟ ତିନୋଟି ଦଶନ୍ଧି ଧରି ରହିଲା । ନାଟକର ଏହା ଦ୍ୱାରା ଯେ ଲାଭ ହେଲା କି କ୍ଷତି ହେଲା, ସେ ବିଷୟରେ ଚର୍ଚ୍ଚା କରିବା ଅବାନ୍ତର । ତଥାପି ଓଡ଼ିଆ ନାଟକକୁ ଉଭୟ ଆଙ୍ଗିକ ତଥା ଆତ୍ମିକ ଦିଗରୁ ପରିବର୍ତ୍ତନ କରି ବିଶ୍ୱ ନାଟ୍ୟ ଦରବାରରେ ଆସନ ଦେବାରେ ମନୋରଞ୍ଜନ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି ସମୟକୁ 'ମନୋରଞ୍ଜନ ଯୁଗ' ନାମରେ ମଧ୍ୟ ଅଭିହିତ କରାଯାଇଥାଏ । ପ୍ରଥମ ପର୍ଯ୍ୟାୟରେ ପାରମ୍ପରିକ ନାଟକମାନ ଲେଖିଥିଲେ ମଧ୍ୟ ପାଶ୍ଚାତ୍ୟ ନାଟ୍ୟକାରଙ୍କ ପ୍ରଭାବରେ ସେ ଏକ ନୂତନ ଶୈଳୀର ନାଟକ ରଚନା କଲେ, ଯାକାହୁ ସମାଲୋଚକ ନୀଳାଦ୍ରିଭୂଷଣ ହରିଚନ୍ଦନ 'ବିର୍ମୂ' ନାଟକର ଆଖ୍ୟା ଦିଅନ୍ତି । ୧୯୫୦ ମସିହାରେ 'ଆଗାମୀ' ନାଟକ ରଚନା କରି ପରମ୍ପରା ମଧ୍ୟରୁ ମୁକ୍ତି ଲୋଡିବାକୁ ଉଦ୍ୟମ କଲେ ମନୋରଞ୍ଜନ ଏବଂ ଏହା ପରଠାରୁ ସେ ପାଶ୍ଚାତ୍ୟ 'ଆବସର୍ଡ' ଶୈଳୀକୁ ଅବଲମ୍ବନ କରି ନାଟକ ରଚନା କଲେ ଯାହାକୁ ବିଧିବଦ୍ଧ ଭାବରେ ଅନ୍ଧାନୁକରଣ କଲେ ମନୋରଞ୍ଜନ ପରବର୍ତ୍ତୀ ନାଟ୍ୟକାରମାନେ । କେହି କେହି ଆଲୋଚକ 'ଆବସର୍ଡ'ର ଓଡ଼ିଆ ଅନୁବାଦ କରି 'ଉଦ୍ଭଟ' ଶବ୍ଦଟିକୁ ନିଜ ଆଲୋଚନା ପରିସରକୁ ଆଣନ୍ତି । ତଥାପି 'ଉଦ୍ଭଟ' ଅପେକ୍ଷା 'ଆବସର୍ଡ' ଶବ୍ଦଟି ଅଧିକ ଯୁକ୍ତିଯୁକ୍ତ ଅଟେ । ତେବେ ସେ ଯାହା ବି ହେଉ ଏହିପରି ଭାବେ ପରୀକ୍ଷାଧର୍ମୀ ନାଟକ (Experimental play) ରଚନା କରିବା ଦ୍ୱାରା ନାଟକ ଓ ଦର୍ଶକମାନଙ୍କ ମଝିରେ ଏକ ଅଦୃଶ୍ୟ ପାଚେରୀ ଛିଡା ହେଲା । ଦର୍ଶକମାନେ ଏହି ବିର୍ମୂଧର୍ମୀ ନାଟକକୁ ସହଜରେ ଗ୍ରହଣ କରିବାରେ ଅକ୍ଷମ ହେଲେ । ପରବର୍ତ୍ତୀ ସମୟରେ ନାଟ୍ୟକାରମାନେ ଏଥିପ୍ରତି ସଚେତନ ହୋଇଥିବାର ମଧ୍ୟ ଦେଖାଯାଏ । ଜର୍ମାନ୍ ନାଟ୍ୟକାର ବ୍ରେଖ୍ଟ୍ (Brecht) ଙ୍କ ମତରେ, 'A play is not an integrated structural entity. It is a suggestion of spisodes, set off against one another, expressing the disharmony of existence -'. ମନୋରଞ୍ଜନ ଦାସ ମଧ୍ୟ ଦର୍ଶକୀୟ ରୁଚିକୁ ସମର୍ଥନ କରି ପରବର୍ତ୍ତୀ ସମୟରେ 'ଅମୃତସ୍ୟ ପୁତ୍ରଃ', 'କାଠଘୋଡା', 'ନନ୍ଦିକା କେଶରୀ' ପରି ନାଟକ ରଚନା କଲେ ଏବଂ ପରବର୍ତ୍ତୀ ନାଟ୍ୟକାରମାନେ ମଧ୍ୟ ଏଥିପ୍ରତି ଦୃଷ୍ଟି ନିକ୍ଷେପ କରିବାରୁ ଓଡ଼ିଆ ନାଟକ ପୂର୍ବପରି ଦର୍ଶକୀୟ ଆଦୃତି ଲାଭ କଲା । ଆବସର୍ଡ ନାଟକର ବୁଦ୍ଧିଦୀପ୍ତ ପରିବେଷଣ, ଯେତେବେଳେ ଆମୋଦନର ସୁକୁମାର ପ୍ରବୃତିକୁ କ୍ରମଶଃ ଶୁଷ୍କ କରିଦେବା ନିମନ୍ତେ ଆରମ୍ଭ କଲା, ସେ ଦେଶରେ 'Return to form'ର ସ୍ଲୋଗାନ ପ୍ରକାଶ ପାଇଲା ଷାଠିଏ ଦଶକର ମଧ୍ୟଭାଗରୁ । ସେହିପରି ଓଡ଼ିଆ ନାଟକରେ ମଧ୍ୟ ନୂତନତା ପାଇଁ ଅନ୍ୱେଷଣ ଆରମ୍ଭ ହେଲାବେଳେ ପରମ୍ପରା ବିଷୟ ପ୍ରଥମେ ଆଗକୁ ଆସିଲା । ଦର୍ଶକୀୟ ରୁଚିକୁ ସମର୍ଥନ ଦୃଷ୍ଟିରୁ ତଥା ଓଡ଼ିଆ ନାଟକର ଉଜ୍ଜଳ ଭବିଷ୍ୟତ ପାଇଁ ମନୋରଞ୍ଜନ ପରବର୍ତ୍ତୀ ନାଟ୍ୟକାରମାନେ ଏହି ପରମ୍ପରାକୁ ସ୍ୱାଗତ କରିଥିଲେ ।

ଓଡ଼ିଆ ନାଟକର ଉର ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ (୧୯୭୦-୮୦) ନାଟ୍ୟକାରମାନେ ନାଟକର ବିଭିନ୍ନ ଧାରାକୁ ସ୍ପର୍ଶ କଲେ । ପରୀକ୍ଷାଧର୍ମୀ ନାଟକର ନୈରାଶ୍ୟପୂର୍ଣ୍ଣ ଚିନ୍ତାଧାରା ଓ ଅନାଟକୀୟ ପରିବେଶ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ଅସଫଳ ହେବାରୁ ନାଟ୍ୟକାରମାନଙ୍କୁ ପୁଣିଥରେ ପରମ୍ପରା ପାଖକୁ ଫେରିବାକୁ ପଡିଲା । ଓଡ଼ିଆ ନବନାଟକରେ ନୂତନ ପରୀକ୍ଷା ନିରୀକ୍ଷା ମଧ୍ୟ ଆରମ୍ଭ ହେଲା । ଓଡ଼ିଆ ମାଟିରେ ରକ୍ତସମ ବା ମହାକାବ୍ୟିକ ନାଟ୍ୟଧାରା ଓ ମୁକ୍ତଧାରା ନାଟକର ପରୀକ୍ଷା କରାଗଲା । ଓଡ଼ିଆ ନାଟକର ଉତ୍ତର ପର୍ବର ସମୟ ହେଉଛି ଅନ୍ୟ ଏକ ସନ୍ଧିକ୍ଷଣ । ୧୯୮୦ ବେଳକୁ ଓଡ଼ିଆ ନାଟକ ଯୁବ ନାଟ୍ୟକାରମାନଙ୍କ ହାତରେ ଯେଉଁ ନୂଆ ରୂପ ଓ ଆକାର ପାଇଛି, ଏହା ତା'ର ପ୍ରସ୍ତୁତି ବେଳ । ଏଇ ସମୟ ଭାରତୀୟ ନାଟ୍ୟଧାରା ଓ ଦର୍ଶକ ନିକଟକୁ ଫେରିଯିବା ପାଇଁ କରାଯାଇଥିବା ପ୍ରୟାସର ସମୟ । ମନୋରଞ୍ଜନ ମଧ୍ୟ ଏହି ଅବଧିରେ ଦେଶୀୟା ନାଟ ବ୍ୟବହାର କରି 'ନନ୍ଦିକା କେଶରୀ' ନାଟକ ରଚନା କରିଥିଲେ । ମୁଖ୍ୟତଃ ନାଟକର ସ୍ୱରରେ ଯେଉଁ ପରିବର୍ତ୍ତନଟି ହୋଇଛି, ତାହା ହେଉଛି ପୂର୍ବରୁ ନାଟକରେ ଦେଖାଦେଇଥିବା ସମାଜ ସଚେତନତା ଦୃଷ୍ଟିଭଙ୍ଗୀଟି ସାମାଜିକ ଅଙ୍ଗୀକାରବଦ୍ଧତାରେ ବଦଳି ଯାଇଛି । ନାଟକ ପ୍ରତି ଦର୍ଶକମାନଙ୍କ ବିରକ୍ତି ଫଳରେ ନାଟ୍ୟକାରମାନେ ସମାଜ ଓ ପରମ୍ପରାକୁ ଆଖି ପକାଇଥିଲେ । ଏହି ପର୍ଯ୍ୟାୟର ନାଟ୍ୟକାରମାନଙ୍କ ମଧ୍ୟରୁ ମନ୍ମଥ କୁମାର ଶତପଥୀ ଅନ୍ୟତମ । ନାଟ୍ୟକାର ମନ୍ମଥ ଶତପଥୀ ଓଡ଼ିଆ ନାଟକରେ ଏକ ଜଣାଶୁଣା ତଥା ଲୋକପ୍ରିୟ ନାମ । ବିଭିନ୍ନ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା କରି ଓଡ଼ିଆ ନାଟକକୁ ଅଭିବୃଦ୍ଧି କ୍ଷେତ୍ରରେ ଅଗ୍ରସର କରାଇବାରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ତେବେ ତାଙ୍କ

ନାଟକରେ ସେ କିଭଳି ପରୀକ୍ଷା ନିରୀକ୍ଷା କରିଛନ୍ତି, ଆଲୋଚନା ପୂର୍ବରୁ ତାଙ୍କ ବିଷୟରେ କିଞ୍ଚିତ ଆଲୋକପାତ କରାଯାଇପାରେ ।

ଶ୍ରୀ ମନ୍ମଥ ଶତପଥୀଙ୍କ ଜନ୍ମ ହୁଏ ଗଞ୍ଜାମ ଜିଲ୍ଲାର ଭଞ୍ଜନଗରରୁ ୧୨ କି.ମି. ଦୂରବର୍ତ୍ତୀ ବାସୁଦେବପୁର ଶାସନରେ । ପିତା ପଣ୍ଡିତ ଶ୍ରୀଧର ମହାନ୍ତି ବହୁ ଶାସ୍ତ୍ରବିତ୍ ତଥା ତନ୍ତ୍ର, ମନ୍ତ୍ର, ବେଦ କର୍ମକାଣ୍ଡ ଉପରେ ପଣ୍ଡିତମାନଙ୍କ ମେଳରେ ଚର୍ଚ୍ଚା କରନ୍ତି । ଶ୍ରୀ ଶତପଥୀଙ୍କ ଜନ୍ମ ହେବାର ଛ'ମାସ ବୟସରେ ଭାଇମାନଙ୍କ ମୃତ୍ୟୁ ଘଟେ । ଏହା ପରେ ସ୍ଥାନ ପରିବର୍ତ୍ତନ କରିବା ନିମିତ୍ତ ସେଠାକାର ବାସିନ୍ଦାମାନେ ପରାମର୍ଶ ଦେଲେ । ଯାହା ଫଳସ୍ୱରୂପ ନାଟ୍ୟକାରଙ୍କ ବାପା ତାଙ୍କୁ ନେଇ ରସୁଲକୁଣ୍ଡା ଚାଲିଗଲେ । ଏହି ସମୟରେ ଇଂରେଜମାନଙ୍କ ଶାସନ (୧୯୪୪) ଚାଲିଥିଲା ଏବଂ ଏହିଠାରେ ହିଁ ଲେଖକଙ୍କର ବାଲ୍ୟଶିକ୍ଷା । ବିଂଶ ଶତାବ୍ଦୀର ଷାଠିଏ ଦଶକରେ ନାଟ୍ୟକାର ଶ୍ରୀ ଶତପଥୀ ନାଟକକୁ ପ୍ରବେଶ କଲେ । ସେହି ସମୟରେ ଭଞ୍ଜନଗରରେ ମନାଟକ ବୋଲି କେହି ବୁଝୁ ନଥିଲେ । କବିଚନ୍ଦ୍ର କାଳୀଚରଣଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଆ ଥିଏଟର (୧୯୩୯) ଏବଂ ଅନ୍ନପୂର୍ଣ୍ଣା ଥିଏଟର ('ଏ' ଏବଂ 'ବି') (୧୯୪୫)କୁ ହିଁ ସେମାନେ ମନାଟକର ଆଖ୍ୟା ଦେଉଥିଲେ । ତଥାପି ସେତେବେଳର ଭଞ୍ଜନଗର ଲୋକନାଟକ ପାଇଁ ପ୍ରସିଦ୍ଧ (Famous for Folk Drama) ଥିଲା । ଶ୍ରୀ ଶତପଥୀ ପିଲାବେଳୁ ବିଭିନ୍ନ ପ୍ରକାର ଦଣ୍ଡନାଟ ଏବଂ ଯାତ୍ରା ନାଟକରେ ଅଭିନୟ କରୁଥିଲେ । ୧୯୬୭-୬୮ ମସିହାରେ ଭଞ୍ଜନଗରରେ ପ୍ରତିଷ୍ଠିତ ହୁଏ 'ତରୁଣ କଳାକାର ସଂସ୍ଥା' ନାମକ ଏକ ଆମେଚର୍ ଥିଏଟର (Amaeture theatre) ଏବଂ ଏହି ସୌଖିନ ରଙ୍ଗମ ଦ୍ୱାରା ଶ୍ରୀ ଶତପଥୀ ତାଙ୍କର ପ୍ରଥମ ନାଟକ 'ପରଦାର ଅନ୍ତରାଳେ' (୧୯୭୦) ଅଭିନୟ କରାଇଥିଲେ ଏବଂ ଏହି ମ ହିଁ ତାଙ୍କ ନାଟ୍ୟକାର ପ୍ରତିଭାକୁ ପ୍ରଜ୍ୱଳିତ କରିଥିଲା । ପ୍ରାୟ ୧୯୭୧ ମସିହା ପର୍ଯ୍ୟନ୍ତ ସେ ତରୁଣ କଳାକାର ସଂସ୍ଥା ସହ ସଂପୃକ୍ତ ଥିଲେ । ଶ୍ରୀ ଶତପଥୀ କେବଳ ଯେ ନାଟକ ଲେଖୁଥିଲେ ତାହା ନୁହେଁ ସରକାରୀ କର୍ମଚାରୀ (Auditor) ଭାବେ ମଧ୍ୟ କାର୍ଯ୍ୟରତ ଥିଲେ । ତାଙ୍କ ବଦଳି କଟକ ହୋଇଯିବା ହେତୁ ସେ ସପରିବାର କଟକ ଚାଲିଆସିଥିଲେ । ତାଙ୍କ ନାଟ୍ୟରଚନା ଏବଂ ମଭିନୟ ଏବେ ମଧ୍ୟ ସକ୍ରିୟ । ଅଧୁନା ଶ୍ରୀ ଶତପଥୀ ଓଡ଼ିଶା ସରକାରଙ୍କର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପ-ସଭାପତି ଭାବେ କାର୍ଯ୍ୟରତ ।

ନାଟ୍ୟକାର ଶ୍ରୀ ଶତପଥୀ ଏ ପର୍ଯ୍ୟନ୍ତ ଦଶଖଣ୍ଡ ନାଟକ ଲେଖି ପ୍ରକାଶ କରିଛନ୍ତି ଏବଂ ଆହୁରି ପାଂଚଖଣ୍ଡ ନାଟକ ପ୍ରକାଶ ଅପେକ୍ଷାରେ ଅଛି । ସେ ତାଙ୍କ ନାଟକରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ ହେଁ ମୁଖ୍ୟତଃ ପାରମ୍ପରିକ ନାଟକର ସେ ପକ୍ଷପାତୀ । ମନସ୍ତାତ୍ତ୍ୱିକ ବିଶ୍ଳେଷଣ ତଥା ସାମାଜିକ ସମସ୍ୟାର ରୂପାୟନ ଆଦି ନାଟକରେ ପରିସ୍ଫୁଟ ହୋଇଛି ଯାହା ତାଙ୍କୁ ନାଟ୍ୟକାର ରୂପେ ପ୍ରତିଷ୍ଠା ଦେଇଛନ୍ତି ।

କେହି କେହି ସମାଲୋଚକ 'ଅନ୍ଧକାରର ସୂର୍ଯ୍ୟ'କୁ ନାଟ୍ୟକାରଙ୍କ ଆଦ୍ୟକୃତି ଭାବେ ଆଲୋଚନା କରିଥାନ୍ତି, ତଥାପି ତାଙ୍କ ସହ ଏକ ସାକ୍ଷାତକାର ନେବା ସମୟରେ ସେ କୁହନ୍ତି 'ପରଦାର ଅନ୍ତରାଳେ' ହିଁ ତାଙ୍କ ନାଟ୍ୟ ଜୀବନର ଆଦ୍ୟକୃତି । ଯାହା ଭଞ୍ଜନଗର ସ୍ଥିତ 'ତରୁଣ କଳାକାର ସଂସ୍ଥା' ଦ୍ୱାରା ଅଭିନୀତ ହୋଇଥିଲା, ମାତ୍ର ଏହା ଅଦ୍ୟାବଧି ଅପ୍ରକାଶିତ ଭାବେ ପାଣ୍ଡୁଲିପି ଅବସ୍ଥାରେ ରହିଅଛି ।

ନାଟ୍ୟକାରଙ୍କ ଦ୍ୱିତୀୟ ନାଟକଟି ହେଉଛି 'ଅନ୍ଧକାରର ସୂର୍ଯ୍ୟ' (୧୯୭୦) । ଭଞ୍ଜନଗରର ତରୁଣ କଳାକାର ସଂସ୍ଥା ଦ୍ୱାରା ମଧ୍ୟ ଏହା ଅଭିନୀତ । ଏହା ଗୋଟିଏ ସେଟ୍‌ର ନାଟକ । ସମଗ୍ର ନାଟକର କାହାଣୀ ଦୁଇ ଦିନ ମଧ୍ୟରେ ସୀମାବଦ୍ଧ ଏବଂ ଏହି ଦୁଇ ଦିନର ଘଟଣା ବର୍ଣ୍ଣିତ ହୋଇଛି ଦୃଶ୍ୟବିହୀନ ଦୁଇଟି ଅଙ୍କରେ । ଏହା ଏକ ଦୁଃଖାନ୍ତ ନାଟକ । ଏଥିରେ ସାଧାରଣତଃ ପାରିବାରିକ ଜୀବନରେ ଗୋପନୀୟତା କିଭଳି ଭୟଙ୍କର ଅବସ୍ଥା ସୃଷ୍ଟିକରି ଏହାକୁ ଧୂଳିସାତ୍ କରିଦିଏ, ତାହା ଦେଖାଇ ଦିଆଯାଇଛି । ନାଟ୍ୟକାର ଶ୍ରୀ ଶତପଥୀଙ୍କ ଉକ୍ତ ନାଟକ ଲେଖା ହେଲା ବେଳକୁ ବ୍ୟବସାୟୀ ବିଲୁପ୍ତ ହୋଇସାରିଥିଲା । ଏହି ନାଟକରେ ତଥାପି ନାଟ୍ୟକାର ବିଷୟ ବିନ୍ୟାସରେ, ସଂଳାପ ପରିକଳ୍ପନାରେ, ରସ ସଂଯୋଜନାରେ ଯେପରି ମୌଳିକତା ଦେଖାଇ ପାରିଛନ୍ତି, ତାହା ସ୍ୱାଗତଯୋଗ୍ୟ । ନାଟ୍ୟକାର କୁହନ୍ତି, 'ଏହି ନାଟକରେ ଅଭିନୟ କରିଥିବା ପ୍ରତ୍ୟେକ କଳାକାର ଆଜିର ସମୟରେ ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ।'

ସେହି ବର୍ଷ (୧୯୭୦) ସ୍ୱରାଷ୍ଟ୍ର ବିଭାଗ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଶ୍ରୀ ଶତପଥୀଙ୍କ ଅନ୍ୟତମ ନାଟକ ତିମିରେ ଜ୍ୟୋସ୍ନା ଅଭିନୀତ ହୁଏ । ଏଥିରେ ନାଟ୍ୟକାର ଏକ ନୂତନ ପରୀକ୍ଷା କରିଛନ୍ତି । ଏହି ନାଟକକୁ ଅପରାଧମୂଳକ ପ୍ରେତତାତ୍ତ୍ୱିକ ବୋଲି କୁହାଯାଇଛି । ନାଟ୍ୟକାରଙ୍କ ମତରେ, 'ଏଥିରେ ପ୍ରେତତ୍ତ୍ୱର ଉପାଦାନ ରହିଛି, ଅଥଚ ପ୍ରେତ ନାହିଁ ।' ଏଥିରେ ଦୁଇଟି ଅଙ୍କ ଏବଂ ପନ୍ଦରଟି ଦୃଶ୍ୟ ରହିଛି । ଏହା ସାଧାରଣତଃ ଯୌତୁକ ସମସ୍ୟାକୁ ଆଧାର କରି ଲିଖିତ । ଯୌତୁକ ପ୍ରଥା ଏବଂ ତାର କୁପରିଣାମ ଦର୍ଶାଇବା ପାଇଁ ନାଟକର ପରିକଳ୍ପନା, ତଥାପି ଏଥିରେ ରହସ୍ୟ ରୋମାର କିଛିଟା ସ୍ପର୍ଶ ରହିଛି । ପାରମ୍ପରିକ ଶୈଳୀରେ ରଚିତ ଏହି ନାଟକ ତେଣୁ ସେ ସମୟର ରୀତି ଅନୁସାରେ ଫର୍ମୁଲାଧର୍ମୀ ହୋଇଛି । ଏହା ସାଧାରଣତଃ ବ୍ୟବସାୟିକ ମଂଚ ଉଦ୍ଦେଶ୍ୟରେ ଲେଖାଯାଉଥିଲା । ବ୍ୟବସାୟୀ ମଂଚରେ ଏ ନାଟକ ବେଶ୍ ଚହଳ ପକାଇଥିଲା ।

ଯୌବନର ତୀର୍ଥ (୧୯୭୧) ଭଞ୍ଜ ସାହିତ୍ୟ ପରିଷଦ; ଭଞ୍ଜନଗର ଦ୍ୱାରା ଅଭିନୀତ । ଏହା ଦୁଇଟି ଅଙ୍କ ଏବଂ ଚଉଦଟି ଦୃଶ୍ୟରେ ବିଭାଜିତ । ଏହି ନାଟକକୁ ମଧ୍ୟ ଉତ୍କଣ୍ଠାପୂର୍ଣ୍ଣ ପ୍ରେତ ତାତ୍ତ୍ୱିକ ବୋଲି କୁହାଯାଇଛି । ଆଦିବାସୀ ଅଧ୍ୟୁଷିତ ଏକ ନିର୍ଜନ ଡାକବଙ୍ଗଳାରେ ଘଟୁଥିବା ଘଟଣାକୁ ନେଇ ନାଟକର ପରିକଳ୍ପନା । ଆଧୁନିକ ଭୋଗବାଦୀ ସଭ୍ୟ ମଣିଷର ଦେହଜ କ୍ଷୁଧା ସେ ଅଳର ସାମାଜିକ ଜୀବନର ଯେଉଁ ବିଶୃଙ୍ଖଳା ସୃଷ୍ଟିକରେ, ତାହାହିଁ ଏହି ନାଟକରେ ଦେଖାଇ ଦିଆଯାଇଛି । ଏହା ପ୍ରେତତାତ୍ତ୍ୱିକ ନାଟକ ହେଲେ ମଧ୍ୟ କୌଣସି ଭୌତିକ ପରିବେଶ ଏଥିରେ ସୃଷ୍ଟି କରାଯାଇପାରି ନାହିଁ । କେବଳ ଅଭିନୟରେ ଏକ ଛାୟା ମାଧ୍ୟମରେ Illusion ସୃଷ୍ଟି କରାଯାଇଛି । ତାହା ମଧ୍ୟ ସ୍ୱଳ୍ପ ସମୟ ପାଇଁ ।

ଆଜିର ମଣିଷ (୧୯୭୨) ପ୍ରଥମେ ଅଭିନୀତ ହୁଏ ତରୁଣ କଳାକାର ସଂସ୍ଥା, ଭଞ୍ଜନଗର ଦ୍ୱାରା । ଏହି ନାଟକ ମଧ୍ୟ ଆଦିବାସୀ ସମସ୍ୟା ଆଧାରିତ । ଏଥିରେ 'ଜନାର୍ଦ୍ଦନ' ଚରିତ୍ରଟି ଜଣେ ନିଷ୍ପେଷିତ ଆଦିବାସୀର ବାସ୍ତବ ଜୀବନ କାହାଣୀ ଆଧାରିତ । ନାଟ୍ୟକାରଙ୍କ ମତରେ, 'ଆଜିର ମଣିଷ' ଆଉ କିଛି ନୁହେଁ । ଜନାର୍ଦ୍ଦନର ଜୀବନର କେତେକ ଅଭିବ୍ୟକ୍ତି ଓ ମୋର କଳ୍ପନାର ରୂପରେଖ ମାତ୍ର । ଏହି ନାଟକର କୌଣସି ଅଙ୍କର ପରିକଳ୍ପନା ନ କରାଯାଇ 'ତରଙ୍ଗ' ନାମଧେୟ ପାଟି ଦୃଶ୍ୟ ରହିଛି । ନାଟକର ଅନ୍ୟ ଏକ ନୂତନତା ଦୃଷ୍ଟିକୋଣରୁ 'ବରଗଛ' ଚରିତ୍ରର କଳ୍ପନା କରାଯାଇଛି । ଏହା ସାମ୍ୟ, ମୈତ୍ରୀ ଓ ପ୍ରୀତିର ପ୍ରତୀକ । ମଣିଷର ସର୍ବଗ୍ରାସୀ କ୍ଷୁଧା ନିକଟରେ ଯାହାକୁ ବଳୀ ସ୍ୱରୂପ ଅର୍ପଣ କରାଯାଇଛି ନାଟକର ଶେଷରେ । ଏହି ଆଦିବାସୀ ସମାଜକୁ ଯଥାର୍ଥରେ ଉଦ୍ଧାର କରିବାକୁ କେହି ନାହାନ୍ତି, ନାଟ୍ୟକାର ଏହା ହିଁ ନାଟକ ମାଧ୍ୟମରେ ପ୍ରମାଣ କରିଛନ୍ତି ।

କାହାଣୀ ନୁହେଁ, ନାଟକ (୧୯୭୪) ଅଭିନୀତ ହୋଇଥିଲା ତରୁଣ କଳାକାର ସଂସ୍ଥା, ଭଞ୍ଜନଗର ଦ୍ୱାରା । ଏଥିରେ ଦୁଇଟି ଅଙ୍କ ଓ ଚାରୋଟି ଦୃଶ୍ୟ ରହିଛି । ଏହାର ବିଷୟବସ୍ତୁରେ ମଧ୍ୟ ଆଦିବାସୀ ସମସ୍ୟାଟିକୁ ଗ୍ରହଣ କରାଯାଇଛି । ଏଥିରେ ବର୍ଣ୍ଣିତ ହୋଇଛି ଏକ ଆଦିବାସୀ ଯୁବତୀର କାହାଣୀ, ଯେ ପରବର୍ତ୍ତୀ ସମୟରେ ରୂପାନ୍ତରିତ ହୋଇଛି ଉତ୍ତମ କଳାକାରରେ ଏବଂ ତାକୁ ଘେରି ସଭ୍ୟ ମଣିଷ ସମାଜର ଯେଉଁ ସ୍ୱାର୍ଥପର ଗୁଞ୍ଜନ, ସେଥିରେ ଅତିଷ୍ଠ ହୋଇ ପୁନର୍ବାର ନିଜର ଛାଡି ଆସିଥିବା ସ୍ୱାମୀର ହାତଧରି ଜଙ୍ଗଲକୁ ଫେରିଯାଇଛି । ଏହି ନାଟକରେ ବିଶେଷ କରି ଉଦର ଜ୍ୱାଳାରେ ଧର୍ମାନ୍ତରିତ ଆଦିବାସୀ ସମ୍ପ୍ରଦାୟ ପ୍ରତି ସମ୍ବେଦନଶୀଳତା ପ୍ରଦର୍ଶନ କରିଛନ୍ତି । ଏଥିରେ ଦର୍ଶକମାନଙ୍କର ଅଂଶଗ୍ରହଣ (Audience participation)କୁ ଗୁରୁତ୍ୱ ଦିଆଯାଇଛି । ନାଟକଟି ପାରମ୍ପରିକ ଶୈଳୀରେ ହିଁ ରଚିତ ।

ଶ୍ରୀ ଶତପଥୀଙ୍କ ନୂତନ ପରୀକ୍ଷାଧର୍ମୀ ନାଟକ 'ବୁଭୁକ୍ଷିତଃ କିଂ ନ କରୋତି ପାପମ୍' (୧୯୭୫) ମଞ୍ଚସ୍ଥ ହୁଏ ସଚ୍ଚିବାଳୟ ସାଂସ୍କୃତିକ ସଂସ୍ଥା, ଭୋପାଳଠାରେ । ଏଥିରେ ଅଙ୍କହୀନ ତରଙ୍ଗ ନାମଧେୟ ସାତୋଟି ଦୃଶ୍ୟ ରହିଛି । ଏଠାରେ ନାରୀ ମନସ୍ତ୍ୱର ବିଶ୍ଳେଷଣ ଅତି ଚମତ୍କାର ଭାବେ କରାଯାଇଛି । ଏହି ନାଟକଟି ଭୋପାଳଠାରେ ପୁରସ୍କୃତ ହୋଇଥିଲା । ଏକ ଯଥାର୍ଥ ପରୀକ୍ଷାଧର୍ମୀ ନାଟକ ଭାବରେ ନାଟ୍ୟକାରଙ୍କ ଉକ୍ତ ନାଟକଟି ସାର୍ଥକ ଅଟେ ।

ତାଙ୍କ ଅନ୍ୟତମ ନାଟକ 'ଅରଣ୍ୟ ବହ୍ନି' (୧୯୮୨) ତରୁଣ କଳାକାର ସଂସ୍ଥା, ଭଞ୍ଜନଗରଠାରେ ମଞ୍ଚସ୍ଥ ହୁଏ । ଏଥିରେ ମଧ୍ୟ ଅଙ୍କର ବ୍ୟବସ୍ଥା ନ କରାଯାଇ 'ତରଙ୍ଗ' ନାମଧେୟ ବାରୋଟି ଦୃଶ୍ୟ ବ୍ୟତୀତ 'ପୂର୍ବାଭାସ' ନାମରେ ଏକ ପ୍ରତୀକାତ୍ମକ ଦୃଶ୍ୟଟି ରହିଛି । ଏହି ନାଟକରେ ବର୍ଣ୍ଣିତ ହୋଇଛି ଏକ ଅଭିଶପ୍ତ ଶିକ୍ଷକ ପରିବାରର ଦୟନୀୟ କାହାଣୀ । ନାଟକଟି ସାମସମୟିକ

ସମାଜ ଜୀବନର ଏକ ମାର୍ମିକ ପ୍ରତିଛବି । ଚରିତ୍ର ଗୁଡିକ ସାମସମୟିକ ସମାଜ ଜୀବନରୁ ଗ୍ରହଣ କରାଯାଇଛି । ସଂଳାପ ମଧ୍ୟ ପାତ୍ରୋପଯୋଗୀ ।

ନାଟ୍ୟକାରଙ୍କର ଅନ୍ୟାନ୍ୟ ପ୍ରକାଶିତ ନାଟକ ଗୁଡିକ ଭିତରେ ଜୀଅନ୍ତା ଶବ (୧୯୭୨), ମ୍ୟୁଜିୟମ୍ (୧୯୭୪), ସତ୍ୟମେବ ଜୟତେ (୧୯୭୬) ଅନ୍ୟତମ ।

ନାଟ୍ୟକାରଙ୍କର ପ୍ରଥମ ପର୍ଯ୍ୟାୟର ନାଟକ ସବୁ ନାରୀଚରିତ୍ର ବିବର୍ଜିତ ନାଟକ । ନାରୀର ସମସ୍ୟାକୁ ଭିତ୍ତିକରି ନାଟକ ଲେଖା ହୋଇଛି ସତ କିନ୍ତୁ ନାରୀ ଚରିତ୍ରର ଷ୍ଟେଜ୍‌ରେ ଆବଶ୍ୟକ ପଡି ନାହିଁ । କାରଣ ଏଥିରେ ପ୍ରତିବନ୍ଧକ ସାଜେ ଅର୍ଥ ସମସ୍ୟା । ନାଟ୍ୟକାର ତାଙ୍କ ସାକ୍ଷାତ୍‌କାରରେ କୁହନ୍ତି ଯେ, ସେ ମାତ୍ର ପାଂଚଶହ ଟଙ୍କାରେ ମଧ୍ୟ ନାଟକ କରାଇଛନ୍ତି । ତଥାପି ସେ ପ୍ରଥମ ନାରୀ ଚରିତ୍ର (ଜ୍ୟୋସ୍ନା ଦାସ)ଟିକୁ ମଂଚରେ ସ୍ଥାନ ଦେଇଛନ୍ତି ତାଙ୍କ 'ଜୀଅନ୍ତା ଶବ' ନାଟକ ମାଧ୍ୟମରେ । ତାଙ୍କର ଏହି ନାଟକଟି ମଧ୍ୟ ପ୍ରଥମ ପ୍ରକାଶିତ ନାଟକ ବୋଲି ସେ କୁହନ୍ତି । ଏହି ନାଟକଟି ସେ ସମୟରେ ଏତେ ଜନାଦୃତ ଲାଭ କରିଥିଲା ଯେ ଏହା ବହୁ ରଜନୀ ଅଭିନୀତ । 'ଜୀଅନ୍ତା ଶବ'ର ପରବର୍ତ୍ତୀ ନାଟକଗୁଡିକରେ ନାଟ୍ୟକାର ନାରୀ ଚରିତ୍ରଟିର ସଂଯୋଜନା କରିଥିଲେ ହେଁ ତାଙ୍କର ଅଧିକାଂଶ ନାଟକରେ ଗୋଟିଏ ନାରୀ ଚିରତ୍ର ଥିବାର ଦେଖାଯାଏ । ନାଟ୍ୟକାରଙ୍କର ଏକମାତ୍ର ଉଦ୍ଦେଶ୍ୟ ଖୁବ୍ କମ୍ ଅର୍ଥରାଶିରେ କିପରି ଏକ ଭଲ ନାଟକଟିଏ ମଂଚସ୍ଥ କରାଯାଇପାରିବ । ତେଣୁ ନାଟ୍ୟକାରଙ୍କର ପ୍ରତ୍ୟେକ ନାଟକରେ ଦର୍ଶକୀୟ ରୁଚିକୁ ପ୍ରାଧାନ୍ୟ ଦିଆଯାଇଛି ଏବଂ ତାଙ୍କ ନାଟକରେ ଅଳ୍ପ ପୁରୁଷ ଚରିତ୍ର ଏବଂ ଏକ ନାରୀ ଚରିତ୍ର ଥିବାର ସୌଖୀନ ନାଟ୍ୟସଂସ୍ଥାଗୁଡିକ ଏହିପରି ନାଟକ ମଂଚସ୍ଥ କରାଇବାକୁ ମନ ବଳାଇଥାନ୍ତି । ନାଟ୍ୟକାର ଶ୍ରୀ ଶତପଥୀଙ୍କ ପ୍ରତ୍ୟେକ ନାଟକରେ ନୂତନତା ବାରି ହୋଇପଡେ ଏବଂ ସେ ତାଙ୍କ ନାଟ୍ୟାଦର୍ଶ ଭାବରେ କବିଚନ୍ଦ୍ର କାଳୀଚରଣଙ୍କୁ ଗ୍ରହଣ କରିଥାନ୍ତି ।

ନାଟ୍ୟକାର ଶ୍ରୀ ଶତପଥୀ ସମାଜ ପ୍ରତି ଏକ ସମ୍ବେଦନଶୀଳ ଦୃଷ୍ଟିକୋଣ ନେଇ ଲେଖନୀ ଚାଳନା କରନ୍ତି । ସମସାମୟିକ ବିଷୟବସ୍ତୁକୁ ହିଁ ନାଟକର ଆଧାର ଭାବେ ଗ୍ରହଣ କରିଥାନ୍ତି । ଅଧିକାଂଶ ସ୍ଥଳରେ ନାଟ୍ୟକାର ତାଙ୍କ ନାଟକରେ କୌଣସି ସମସ୍ୟାର ସମାଧାନ ନ କରି ତାହା ଦର୍ଶକମାନଙ୍କ ବିଚାର ନିମନ୍ତେ ଛାଡି ଦେଇଥାନ୍ତି । ଯେଉଁଠି ବା ସେ ସମସ୍ୟାର ସମାଧାନ କରିଥାନ୍ତି, ତାହା ବିପ୍ଳବର ଚମକପ୍ରଦ ମାର୍ଗ ରୂପେ ଆତ୍ମପ୍ରକାଶ କରିଛି । ସମାଜ ପ୍ରତି ନାଟ୍ୟକାରଙ୍କ ଦୃଷ୍ଟି ସମ୍ବେଦନଶୀଳ । ସମାଜର ଦୁଃଖଯନ୍ତ୍ରଣା ତାଙ୍କ ସୃଷ୍ଟି ଭୂମିକୁ ବିଷାଦିତ କରିଛି । ଫଳରେ ତାଙ୍କ ଦୃଷ୍ଟିକୋଣ ସାଧାରଣତଃ 'ନେତିବାଚକ' । ନିକଟରେ ଶ୍ରୀ ଶତପଥୀଙ୍କ ତା ୦୮/୦୧/୨୦୨୩ରିଖ ନବୀନ ବର୍ଣ୍ଣାଳୀ, ଭୁବନେଶ୍ୱର ନାଟ୍ୟ ସଂସ୍ଥା ଦ୍ୱାରା 'ସ୍ୱାଭିମାନୀ ଗଜପତି' ନାମକ ଏକ ଐତିହାସିକ ତଥା ଓଡ଼ିଶାର ପ୍ରବାଦ ପୁରୁଷ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ଉପରେ ଆଧାରିତ ନାଟକ ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର ଠାରେ ମଂଚସ୍ଥ ହୋଇଛି । ଏହି ନାଟକର ନିର୍ଦ୍ଦେଶନା ଶ୍ରୀ ନବୀନ କୁମାର ପରିଡା ଦେଇଥିଲେ । ଆଶା ଶ୍ରୀ ଶତପଥୀ ଭବିଷ୍ୟତରେ ଅନେକ ନାଟକ ଲେଖିବେ, ମଂଚସ୍ଥ କରିବେ ଏବଂ ଓଡ଼ିଶା ନାଟ୍ୟସାହିତ୍ୟର ଭଣ୍ଡାରକୁ ଆହୁରି ସମୃଦ୍ଧ କରିବେ ।

**ସହାୟକ ଗ୍ରନ୍ଥସୂଚୀ :**

(୧) ଦାସ, ହେମନ୍ତ କୁମାର: ଓଡ଼ିଆ ନାଟକ କୋଷ, ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ରକାଶ କାଳ – ୧୯୯୬ ।

(୨) ଦାସ, ହେମନ୍ତ କୁମାର: ଓଡ଼ିଆ ନାଟକର ବିକାଶଧାରା (ଚତୁର୍ଥ ଖଣ୍ଡ) ଆଧୁନିକ ପର୍ବ, ସାଥୀ ମହଲ, ବିନୋଦ ବିହାରୀ, କଟକ, ପ୍ରଥମ ପ୍ରକାଶ – ୧୯୮୮ ।

(୩) ଦାସ, ହେମନ୍ତ କୁମାର: ଓଡ଼ିଆ ନାଟକର ଉର ଆଧୁନିକ ପର୍ବ (୧୯୮୦-୨୦୦୬), ବିଦ୍ୟାପୁରୀ, ବାଲୁବଜାର, କଟକ, ପ୍ରଥମ ପ୍ରକାଶ – ଜାନୁୟାରୀ ୨୦୦୮, ISBN :୮୧-୭୪୧୧-୬୪୪-୩ ।

(୪) ଦାସ, ହେମନ୍ତ କୁମାର : ନୂତନ ଧରାତଳର ନାଟକ, ଦିବ୍ୟଦୂତ ପ୍ରକାଶନୀ, କଟକ, ପ୍ରାପ୍ତିସ୍ଥାନ - ଅଗ୍ରଦୂତ, ବାଙ୍କାବଜାର, କଟକ, ପ୍ରଥମ ସଂସ୍କରଣ – ୧୯୯୪ ।

(୫) ଦାସ, ହେମନ୍ତ କୁମାର : ଓଡ଼ିଆ ମଂଚ ପରିକ୍ରମା, ଏସ୍‌ବି ପବ୍ଲିକେଶନ, ଭରତିଆ ଟାୱାର, ବିନୋଦ ବିହାରୀ, କଟକ-୨, ପ୍ରଥମ ସଂସ୍କରଣ – ୧୯୯୬, ISBN : ୮୧-୭୪୦୪-୦୨୯-୩ ।

(୬) ରାଉତ, ଭୋଳାନାଥ: ଓଡ଼ିଆ ସାହିତ୍ୟ - ତତ୍ୱ ଓ ତଥ୍ୟ, ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ-୨୦୨୦ ।

(୭) ଶତପଥୀ, ମନ୍ମଥ କୁମାର: ଯୌବନର ତୀର୍ଥ, ସୁଜାତା ପ୍ରକାଶନୀ, ଭଞ୍ଜନଗର, ୧୯୭୧ ।

(୮) ଶତପଥୀ, ମନ୍ମଥ କୁମାର: କାହାଣୀ ନୁହେଁ, ନାଟକ, ଓଡ଼ିଶା ବୁକ୍‌ଷ୍ଟୋର, କଟକ, ୧୯୭୪ ।

(୯) ଶତପଥୀ, ମନ୍ମଥ କୁମାର: ଆଜିର ମଣିଷ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୭୨ ।

(୧୦) ଶତପଥୀ, ମନ୍ମଥ କୁମାର: ମ୍ୟୁଜିୟମ୍, ଓଡ଼ିଆ ବୁକ୍ ଷ୍ଟୋର୍, କଟକ, ୧୯୭୫ ।

(୧୧) ଶତପଥୀ, ମନ୍ମଥ କୁମାର: ଅରଣ୍ୟ ବହ୍ନି, ସୁଜାତା ପ୍ରକାଶନୀ, ଭଞ୍ଜନଗର, ୧୯୮୨ ।

(୧୨) ସାମନ୍ତରାୟ, ରମାକାନ୍ତ: ଅଶୀପରର ଓଡ଼ିଆ ନାଟକ (ଉତ୍ତର ପର୍ବର ଦ୍ୱିତୀୟ ପର୍ଯ୍ୟାୟ), ପ୍ରାପ୍ତି ସ୍ଥାନ- ରମାକାନ୍ତ ସାମନ୍ତରାୟ, ପ୍ଲଟ ନଂ.୨୩୯୫, ଲେନ୍ ନଂ.୭, ଗୌରୀନଗର, ଭୁବନେଶ୍ୱର-୨ ।

(୧୩) ହରିଚନ୍ଦନ, ନୀଳାଦ୍ରିଭୂଷଣ: ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା, ବିଦ୍ୟାପୁରୀ, ବାଲୁବଜାର, କଟକ, ଦ୍ୱିତୀୟ ସଂସ୍କରଣ- ଡିସେମ୍ବର ୨୦୦୭, ISBN- ୯୭୮-୮୧-୭୪୧୧-୬୩୭-୬୧ ।

(୧୪) ନାଟ୍ୟକାରଙ୍କ ସହ ସାକ୍ଷାତକାର – ୨୧/୦୭/୨୦୨୨

(୧୫) Chinmaya Samal "Absurd' the theaterical term used as 'Udbhata' in Odia Drama: An unsolved question' published in International Journal of Trend in Scientific Research and Development (ijtsrd), ISSN: 2456-6470, Vol.7/Issue-1, Feb.2023, PP.704-706, URL:www.ijtsrd.com/papers/ijtsrd52758.pdf

ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ବିଶ୍ୱଭାରତୀ
ଶାନ୍ତିନିକେତନ, ପଶ୍ଚିମବଙ୍ଗ ୭୩୧୨୩୫